# ଶିକ୍ଷା ଅଧିକାର ଆଇନ୍ ୨୦୦୯ର ଗତିଧାରା

## *ଶିକ୍ଷା ଅଧିକାର ଆଇନ୍‌ର ସ୍ଥିତି- ଘୋଡା ଆଗରେ ଗାଡି*

- ୧ ଏପ୍ରିଲ୍ ୨୦୧୦ରୁ ବଳବତ୍ତର, କିନ୍ତୁ ସେହି ତାରିଖରେ କେନ୍ଦ୍ର କିମ୍ବା କୌଣସି ରାଜ୍ୟର ନିୟମାବଳୀ ବିଜ୍ଞାପିତ ହୋଇନଥିଲା । କେବଳ କେନ୍ଦ୍ର ସରକାର ରାଜ୍ୟମାନଙ୍କ ଅନୁସରଣ ପାଇଁ ଏକ ଆଦର୍ଶ ନିୟମାବଳୀ ଫେବୃଆରି ୨୦୧୦ରେ ପ୍ରକାଶନ କରିଥିଲେ ।
- କେନ୍ଦ୍ରୀୟ ନିୟମାବଳୀ ବିଜ୍ଞାପିତ ହେଲା ତା ୯.୪.୨୦୧୦ । ଏବେ ସୁଦ୍ଧା ୨୯ଟି ରାଜ୍ୟ ଭିତରୁ ମାତ୍ର ୯ଟି ନିଜର ନିୟମାବଳୀ ବିଜ୍ଞପ୍ତି କରିଛନ୍ତି ଏବଂ ୬ଟି କେନ୍ଦ୍ରଶାସିତ ଅଞ୍ଚଳ ଭିତରୁ ମାତ୍ର ୨ଟି (ଚଣ୍ଡୀଗଡ ଓ ଆଣ୍ଡାମାନ ଓ ନିକୋବର) କେନ୍ଦ୍ରୀୟ ନିୟମାବଳୀକୁ ଗ୍ରହଣ କରିବାର ବିଜ୍ଞପ୍ତି କରିଛନ୍ତି । ମୋଟ ଉପରେ ଦେଶର ଏକ ତୃତୀୟାଂଶ ଭାଗରେ ଏହି ଆଇନ୍ କାର୍ଯ୍ୟକାରୀ ହେଉଛି ।
- ଏହି ଆଇନ୍ ଅଧୀନରେ ଉଭୟ କେନ୍ଦ୍ରୀୟ ସ୍ତରରେ ଓ ପ୍ରତି ରାଜ୍ୟ ସ୍ତରରେ ସର୍ବୋଚ୍ଚ ତଦାରଖ ଓ ଅଭିଯୋଗ ପ୍ରତିକାର ସଂସ୍ଥା ଭାବେ ଶିଶୁ ଅଧିକାର ସୁରକ୍ଷା କମିଶନ୍‌ମାନଙ୍କୁ ଚିହ୍ନିତ କରାଯାଇଛି । କିନ୍ତୁ ଏପର୍ଯ୍ୟନ୍ତ ମାତ୍ର ୧୧ଟି ରାଜ୍ୟରେ ଏପ୍ରକାର କମିଶନ୍ କାର୍ଯ୍ୟକରୁଛି ।
- ଓଡିଶା ସରକାର ପ୍ରଥମେ ଫେବୃଆରି ୨୦୧୦ରେ ଆର୍ଥିକ ଅଭାବର କାରଣ ଦର୍ଶାଇ ଏବଂ କେନ୍ଦ୍ର ଠାରୁ ଶତକଡା ୯୦ ଭାଗ ଅର୍ଥ ଦାବୀ କରି ନୂତନ ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ, କିନ୍ତୁ ପରେ କେନ୍ଦ୍ର-ରାଜ୍ୟ ଅନୁପାତ ୬୫: ୩୫ରେ ସହମତ ହୋଇ ନିଜର ସମ୍ମତି ପ୍ରକାଶ କଲେ ଏବଂ ୨୭.୯.୨୦୧୦ରେ ନିଜର ନିୟମାବଳୀ ବିଜ୍ଞପ୍ତି କଲେ ।
- ଏହା ଭିତରେ କେନ୍ଦ୍ର ଓ ଓଡିଶା ସରକାର ଆଇନ୍‌ର ବିଭିନ୍ନ ଦିଗ ଉପରେ ସ୍ୱତନ୍ତ୍ର ନିୟମାବଳୀମାନ ପ୍ରଣୟନ କରିଛନ୍ତି ।
- କିନ୍ତୁ ଏବେ ବି ଆଇନ୍‌ର କାର୍ଯ୍ୟକାରିତା ପାଇଁ କେନ୍ଦ୍ର ସରକାର ଆବଶ୍ୟକୀୟ ଅର୍ଥ ଯୋଗାଡ କରିପାରିନାହାନ୍ତି । ସରକାରୀ ହିସାବ ଅନୁଯାୟୀ ୫ବର୍ଷ ପାଇଁ ମୋଟ ୨,୩୧,୦୦୦ କୋଟି ଟଙ୍କା ଆବଶ୍ୟକ ପଡିବ । ଏଥିରୁ ୨୪,୦୦୦ କୋଟି ବିତ୍ତ କମିଶନ୍‌ଙ୍କ ସୁପାରିଶ୍ ଅନୁଯାୟୀ ରାଜ୍ୟମାନଙ୍କୁ ମିଳିବ । ବାକୀ ୨,୦୭,୦୦୦ ଲକ୍ଷ ଟଙ୍କାକୁ ଉପରୋକ୍ତ ହାରରେ ଉଭୟ କେନ୍ଦ୍ର ଓ ରାଜ୍ୟମାନେ ବହନ କରିବେ । ଚଳିତ ବର୍ଷ (୨୦୧୧-୧୨) ପାଇଁ କେନ୍ଦ୍ରୀୟ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦାବୀ କରିଥିଲେ ୩୪,୦୦୦ କୋଟି, କିନ୍ତୁ ଅର୍ଥ ମନ୍ତ୍ରଣାଳୟ ମଞ୍ଜୁର କଲେ ୨୧,୦୦୦ କୋଟି, ଅର୍ଥାତ୍ ୧୩,୦୦୦ କୋଟି କମ୍ ।

## ମୌଳିକ ଶିକ୍ଷାର ସାଂପ୍ରତିକ ଦୃଶ୍ୟପଟ

- ଦେଶର ୮,୯୬୦ ସହରାଞ୍ଚଳ ଓ ପ୍ରାୟ ୬୦୦,୦୦୦ ଗ୍ରାମରେ ଶିକ୍ଷା ଅଧିକାର ଆଇନ୍ କାର୍ଯ୍ୟକାରୀ ହେବା କଥା।

- କ୍ରାଏ (ସି.ଆର୍.ଓ୍ୟାଇ.)ର ହିସାବ ଅନୁଯାୟୀ ୧୭,୨୮୨ଟି ସ୍ଥାନରେ ମୋଟେ ସ୍କୁଲ୍ ନାହିଁ। ୧,୪୮,୬୯୬ଟି ସରକାରୀ ସ୍କୁଲ୍‌ର ନିଜସ୍ୱ ଗୃହ ନାହିଁ। ୧୬,୫୭,୪୨ଟି ସ୍କୁଲ୍‌ରେ ପାନୀୟ ଜଳ ଏବଂ ୪,୫୫,୫୬୧ଟି ସ୍କୁଲ୍‌ରେ ପାଇଖାନାର ବ୍ୟବସ୍ଥା ନାହିଁ ତଥା ୧,୧୪,୫୩୧ ପ୍ରାଥମିକ ସ୍କୁଲ୍ କେବଳ ଜଣେ ଲେଖାଁ ଶିକ୍ଷକ ଦ୍ୱାରା ପରିଚାଳିତ ହେଉଛି।

- ଗତ ୧ ଏପ୍ରିଲ୍ ୨୦୧୧ରେ ଆଇନ୍ କାର୍ଯ୍ୟକାରିତାର ଏକବର୍ଷ ପୂର୍ତ୍ତୀ ଅବସରରେ କେନ୍ଦ୍ରୀୟ ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କ ସ୍ୱୀକାରୋକ୍ତି ଅନୁଯାୟୀ ୮୧,୫୦,୬୧୯ ଜଣ ଶିଶୁ ଏବେ ବି ସ୍କୁଲ୍ ବାହାରେ ଅଛନ୍ତି। ମୋଟ ୫୦୮,୦୦୦ ଶିକ୍ଷକଙ୍କର ଆବଶ୍ୟକତା ରହିଛି। ବର୍ତ୍ତମାନ ନିୟୋଜିତ ଥିବା ଶିକ୍ଷକମାନଙ୍କ ଭିତରୁ ଶତକଡା ୨୧ ଭାଗଙ୍କର ଆବଶ୍ୟକୀୟ ଯୋଗ୍ୟତା ନାହିଁ। ପ୍ରଥମ ୩ବର୍ଷ ଭିତରେ ମୋଟ ୧୪.୨୫ ଲକ୍ଷ ଶ୍ରେଣୀ କକ୍ଷ ନିର୍ମିତ ହେବାର ଆବଶ୍ୟକତା ଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୨.୭୪ ଲକ୍ଷ ହାସଲ ହୋଇପାରିଛି।

- କିନ୍ତୁ ଆର୍.ଟି.ଇ. ଫୋରମ୍ ତରଫରୁ ସେହି ସମୟରେ କୁହାଯାଇଛି ଯେ, ବିଦ୍ୟାଳୟରେ କେବଳ ପିଲାଭର୍ତ୍ତିର ପରିସଂଖ୍ୟାନରୁ ବାସ୍ତବ ସ୍ଥିତି ଜାଣିହେବନି, କାରଣ ଜଣେ ପିଲା ସ୍କୁଲ୍‌ରେ ନାମ ଲେଖାଇବା ପରେ ମୋଟେ ସ୍କୁଲ୍‌କୁ ଆସିନପାରେ। ପୁଣି ଶ୍ରମ ମନ୍ତ୍ରଣାଳୟର ପରିସଂଖ୍ୟାନ ଅନୁଯାୟୀ ବର୍ତ୍ତମାନ ଶିଶୁଶ୍ରମିକଙ୍କ ସଂଖ୍ୟା ହେଉଛି ୧ କୋଟି ୨୬ଲକ୍ଷ, ଯେଉଁମାନେ କି ବସ୍ତୁତଃ ସ୍କୁଲ୍ ବାହାରେ ଅଛନ୍ତି। ତେଣୁ ସ୍କୁଲ୍ ବହିର୍ଭୁତ ପିଲାସଂଖ୍ୟା ବିଷୟରେ ମାନବସମ୍ବଳ ମନ୍ତ୍ରଣାଳୟର ପରିସଂଖ୍ୟାନ- ୮୧,୫୦,୬୧୯ ବିଶ୍ୱାସଯୋଗ୍ୟ ନୁହେଁ। ସେହିପରି ସାରା ଦେଶରେ ପ୍ରାଥମିକ ଶିକ୍ଷକଙ୍କ ଅଭାବର ପ୍ରକୃତ ସଂଖ୍ୟା ହେଉଛି ୧୪ଲକ୍ଷ, ତେଣୁ ସରକାରୀ ଅଭାବ ସଂଖ୍ୟା ୫୦୮,୦୦୦ ବିଶ୍ୱାସଯୋଗ୍ୟ ନୁହେଁ।

- ଓଡିଶାର ୫ମ ଶିକ୍ଷା ସର୍ଭେ ଅନୁଯାୟୀ ପ୍ରତିବର୍ଷ ୨୩ଲକ୍ଷ ପିଲା ଶିକ୍ଷାକ୍ଷେତ୍ର ଛାଡିବାକୁ ବାଧ୍ୟ ହେଉଛନ୍ତି, କାରଣ ସେମାନଙ୍କ ଘର ପାଖରେ ସ୍କୁଲ୍ ନାହିଁ।

## ବର୍ତ୍ତମାନର ସରକାରୀ ମତିଗତି

- ଧାର୍ଯ୍ୟଲକ୍ଷ୍ୟ ତୁଳନାରେ ଅଗ୍ରଗତିର ଅତି ମନ୍ଥରତାକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଇନ୍‌ରେ ସ୍ଥାନିତ ହୋଇଥିବା ପ୍ରତିଶୃତିଗୁଡିକୁ ମନମୁଖୀ ଭାବେ ବିକୃତ ବ୍ୟାଖ୍ୟା କରିବାକୁ ଚେଷ୍ଟା ଆରମ୍ଭ କଲେଣି। ଦୃଷ୍ଟାନ୍ତ ସ୍ୱରୂପ, ଆଇନ୍‌ର ଅନୁସୂଚୀରେ ପ୍ରାଥମିକ ଓ ଉଚ୍ଚ

ପ୍ରାଥମିକ ସ୍କୁଲ୍‌ଗୁଡିକ ପାଇଁ ଶିକ୍ଷକ-ଛାତ୍ର ଅନୁପାତ ଯଥାକ୍ରମେ ୧:୩୦ ଏବଂ ୧:୩୫ ନିର୍ଦ୍ଧିଷ୍ଟ ହୋଇଥିବା ସ୍ଥଳେ କେନ୍ଦ୍ର ତରଫରୁ ୨୨ ଜୁନ୍ ୨୦୧୦ରେ ଏକ ପରିପତ୍ର ଜାରି କରାଯାଇ କୁହାଯାଇଛି ଯେ, ବର୍ତ୍ତମାନ ନିଯୁକ୍ତ ଥିବା ଶିକ୍ଷକମାନଙ୍କୁ ନେଇ ଯେମିତି ହେଲେ କାମ ଚଳାଇବାକୁ ପଡିବ । ସେହିପରି ପିଲାର ଘର ଠାରୁ ୧କି.ମି. ଦୂରତା ଭିତରେ ନେବରହୁଡ୍ ପ୍ରାଥମିକ ସ୍କୁଲ୍ ଏବଂ ୩କି.ମି. ଦୂରତା ଭିତରେ ଉଚ୍ଚ ପ୍ରାଥମିକ ସ୍କୁଲ୍ ପ୍ରତିଷ୍ଠା ପାଇଁ ଆଇନ୍ ଅଧୀନରେ ପ୍ରସ୍ତୁତ ହୋଇଥିବା ଓଡିଶା ନିୟମାବଳୀ ୨୦୧୦ର ନିୟମ ୬ରେ ବ୍ୟବସ୍ଥା ଥିବା ବେଳେ ଗତ ୧୭ ଜାନୁଆରି ୨୦୧୧ରେ ଏହି ନିୟମାବଳୀକୁ ସଂଶୋଧନ କରାଯାଇ କୁହାଯାଇଛି ଯେ, ଯେଉଁ ସ୍ଥଳେ ଏଭଳି ସ୍କୁଲ୍ ନଥିବ ସେପରି ସ୍ଥଳେ ସରକାର ସଂପୃକ୍ତ ପିଲାମାନଙ୍କର ସ୍କୁଲ୍‌କୁ ମାଗଣା ଯାତାୟତର ବନ୍ଦୋବସ୍ତ କରାଇବେ ।

## *ଓଡିଶା ଦୃଶ୍ୟପଟ*

- ଗତ ଆର୍ଥିକ ବର୍ଷରେ ଶିକ୍ଷା ଅଧିକାର ଆଇନ୍ ପାଇଁ ୧୯୪୩ କୋଟି ଟଙ୍କା ବ୍ୟୟ ହୋଇଥିବା ସ୍ଥଳେ ଚଳିତ ବର୍ଷ (୨୦୧୧-୧୨) ଏହା ୨୨୧୯କୋଟିକୁ ବୃଦ୍ଧି ପାଇଛି । ଏହି ଅର୍ଥରାଶିର ଏକ ତୃତୀୟାଂଶ ବ୍ୟୟ ହେବ କେବଳ ନିର୍ମାଣ କାର୍ଯ୍ୟରେ ।
- ବର୍ତ୍ତମାନ ରାଜ୍ୟରେ ୫୨,୧୫୦ଟି ମୌଳିକ ବିଦ୍ୟାଳୟ ରହିଛି । ୩୭୪ଟି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋଲାଯିବ ଏବଂ ୪୮୮୧ଟି ଶ୍ରେଣୀକକ୍ଷ ନିର୍ମାଣ କରାଯାଇ ୨୯୬୦ଟି ସ୍କୁଲ୍‌କୁ ଅଷ୍ଟମ ଶ୍ରେଣୀକୁ ଉନ୍ନୀତ କରାଯିବ । ପ୍ରତି ସ୍କୁଲ୍‌କୁ ଉନ୍ନୀତ ହେବା ପାଇଁ ୪.୧ ଲକ୍ଷ ଟଙ୍କା ଅନୁଦାନ ଦିଆଯିବ । ଏହାଛଡା ପ୍ରତି ସ୍କୁଲ୍‌ର ସୌନ୍ଦର୍ଯ୍ୟ ବର୍ଦ୍ଧନ କାର୍ଯ୍ୟକ୍ରମ (ବଗିଚା, ନୋଟିସ୍ ଏବଂ ସୂଚନା ଫଳକ ଇତ୍ୟାଦି)ପାଇଁ ୬୩,୦୦୦ ଟଙ୍କା ମଞ୍ଜୁର କରାଯିବ ଏବଂ ଏହା ସ୍କୁଲ୍ ପରିଚାଳନା କମିଟିଙ୍କ ଦ୍ୱାରା ବ୍ୟୟ କରାଯିବ ।
- ଚଳିତ ବର୍ଷ ପ୍ରାୟ ୧,୦୭,୦୦୦ ଛାତ୍ରଛାତ୍ରୀଙ୍କୁ ସ୍କୁଲ୍‌ରେ ଭର୍ତ୍ତି କରିବା ପାଇଁ ଅଗ୍ରାଧିକାର ପ୍ରଦାନ କରାଯିବ ।
- କିନ୍ତୁ ସମସ୍ତ ମୌଳିକ ସ୍କୁଲ୍ ଗୁଡିକର ପରିଚାଳନା ବ୍ୟବସ୍ଥା ସମନ୍ୱିତ ନୁହେଁ । ଓଡିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ (ଓ.ପି.ଇ.ପି.ଏ.) ୧ମରୁ ପଞ୍ଚମ ଶ୍ରଣୀ ଯାଏଁ ସ୍କୁଲ୍ ଗୁଡିକୁ ନିୟନ୍ତ୍ରଣ କରୁଥିବା ବେଳେ ଷଷ୍ଠ ଓ ସପ୍ତମ ଶ୍ରେଣୀର ଶିକ୍ଷା ପରିଚାଳନାକୁ ତଦାରଖ ଓ ନିତନ୍ତ୍ରଣ ପାଇଁ ଆଉ ଜଣେ ନିର୍ଦ୍ଦେଶକ ତଥା ଅଷ୍ଟମ ଶ୍ରେଣୀର ପରିଚାଳନା ପାଇଁ ମାଧ୍ୟମିକ ନିର୍ଦ୍ଦେଶକ ଅଛନ୍ତି । ଏହାଛଡା ଅନୁସୂଚୀତ ଜନଜାତି ଓ ଜାତି ବିଭାଗ ଅଧୀନରେ ୨୦୦୦ ସ୍କୁଲ୍ ସ୍ୱତନ୍ତ୍ର ଭାବେ ପରିଚାଳତ ହେଉଛି ।

**Chitta Behera, Cuttack, Mobile-9437577546, Email: chittabehera1@yahoo.co.in, 28.5.2011**